# ବିହାର, ଝାଡ଼ଖଣ୍ଡରୁ ଢେଙ୍କାନାଳକୁ ଆସୁଛି ବନ୍ଧୁକ

- ■ଚୋରା ଚାଲାଣକାରୀଙ୍କୁ ଖୋଜୁଛି ପୋଲିସ
- ■ବର୍ଷକ ମଧ୍ୟରେ ୭୧ଟି ଜବତ
- ■କାମାକ୍ଷାନଗରରୁ ସର୍ବାଧିକ ୧୬



ଢେଙ୍କାନାଳ,୭।୧୨(ରତନ ନାୟାର)

ବିହାର, ଝାଡ଼ଖଣ୍ଡ ସମେତ ପଶ୍ଚିମବଙ୍ଗର କିଛି ଅଞ୍ଚଳରୁ ଢେଙ୍କାନାଳକୁ ଯୋଗାଣ ହେଉଛି ଚୋରା ବନ୍ଧୁକ। ବିଭିନ୍ନ ଅପରାଧ ଘଟାଇବା ପାଇଁ ଲାଇସେନ୍ସ ନ ଥିବା ଏହି ରିଭଲଭର, ମାଉଜର ଓ ପିସ୍ତଲ ଆଦି ଯୋଗାଇ ଦିଆଯାଉଛି। ଜିଲାରେ ଆପରାଧିକ କ୍ଷେତ୍ରରେ ସକ୍ରିୟ ଥିବା ଅସାମାଜିକମାନେ ରାଜ୍ୟ ବାହାରର ପେସାଦାର ଅପରାଧୀଙ୍କ ସଂସ୍ପର୍ଶରେ ଆସି ସେମାନଙ୍କ ଠାରୁ ଚୋରାରେ ଏସବୁ ବନ୍ଧୁକ ଆଣୁଥିବା ଜଣାପଡ଼ିଛି। ଏ ସମ୍ପର୍କରେ ବିଭିନ୍ନ ସୂତ୍ରରୁ ସୂଚନା ପାଇବା ପରେ ଢେଙ୍କାନାଳ ପୋଲିସ ଏହାର ଖୋଲତାଡ଼ ଆରମ୍ଭ କରିଛି। ଗତ ଜାନୁୟାରୀରୁ ଚଳିତ ଡିସେମ୍ବର ୭ ତାରିଖ ମଧ୍ୟରେ ଜିଲାରେ ମୋଟ ୭୧ଟି ବେଆଇନ ବନ୍ଧୁକ ଜବତ କରାଯାଇଛି। ସେଥିରୁ କାମାକ୍ଷାନଗର ଥାନା ଅଞ୍ଚଳରେ ସର୍ବାଧିକ ୧୬ଟି, ପରଜଙ୍ଗ ଓ ମୋଟଙ୍ଗା ଥାନା ଅଞ୍ଚଳରୁ ୮ ଲେଖାଏ, ଭୁବନ ଓ ତୁମୁସିଙ୍ଗା ଥାନା ଅଞ୍ଚଳରୁ ୫ ଲେଖାଏ, ଢେଙ୍କାନାଳ ସହରରୁ ୬, ସଦର ଥାନା ଅଞ୍ଚଳରୁ ୧୨, କଣ୍ଟାବଣିଆ ଥାନା ଅଞ୍ଚଳରୁ ୨, ଗଁଦିଆ ଥାନା ଅଞ୍ଚଳରୁ ୩, କଙ୍କଡ଼ାହାଡ଼ ଥାନା ଅଞ୍ଚଳରୁ ଗୋଟିଏ, ମହାବିରୋଡ ଥାନା ଅଞ୍ଚଳରୁ ଗୋଟିଏ, ହିନ୍ଦୋଳ ଓ ରାସୋଲ ଥାନା ଅଞ୍ଚଳରୁ ଗୋଟିଏ ଲେଖାଏ, ବାଲିମୀ ଥାନା ଅଞ୍ଚଳରୁ ୨ଟି ବନ୍ଧୁକ ଜବତ କରାଯାଇଛି। ରାଜ୍ୟ ବାହାରୁ ଆସୁଥିବା ବେଆଇନ ବନ୍ଧୁକ ଯୋଗୁ ଜିଲାରେ ଅପରାଧ ସଂଖ୍ୟା ବଢ଼ୁଥିବାରୁ ଏହା ଢେଙ୍କାନାଳ ପୋଲିସ ପାଇଁ ଚିନ୍ତାର ବିଷୟ ହୋଇଛି। ଆଗକୁ ସାଧାରଣ ନିର୍ବାଚନ ଥିବାରୁ ଏହାକୁ ପୋଲିସ ଗୁରୁତ୍ୱର ସହ ନେଇଥିବା ଜଣାପଡ଼ିଛି। ବିଶେଷକରି ଖଣି ଖାଦାନ, ଠିକାଦାରି ଓ ରାଜନୈତିକ ବିବାଦକୁ ନେଇ ଅପରାଧ ଘଟାଯାଉଛି। କେବଳ କାମାକ୍ଷାନଗର ଥାନା ଅଞ୍ଚଳରେ ୩ଜଣ ରାଜନେତାଙ୍କ ସମେତ ଠିକାଦାରି ଏବଂ ପ୍ରତିଶୋଧ ପରାୟଣ ହୋଇ ପ୍ରାୟ ୫ଟି ହତ୍ୟାକାଣ୍ଡ ଘଟାଯାଇଥିବା ନଜିର ରହିଛି। ଜଣେ ଯୁବ ବିଜେଡି ନେତା ତଥା ସ୍ଥାନୀୟ ବିଧାୟକଙ୍କ ସମର୍ଥକ ବୋଲାଉଥିବା ଯୁବକଙ୍କୁ ୨ ଥର ବିରୋଧୀମାନେ ଗୁଳି ଓ ବୋମା ମାଡ଼ କରିଥିଲେ ମଧ୍ୟ ସେ ବର୍ତ୍ତିଯାଇଛନ୍ତି। ଏପରି କି ଗୁଳିମାଡ଼ ଘଟଣାରେ ସେ ଗୁରୁତର ହୋଇ କିଛିଦିନ କଟକରେ ଚିକିତ୍ସିତ ହୋଇଛନ୍ତି। ଅଧିକାଂଶ ଘଟଣାରେ ବେଆଇନ ରିଭଲଭର ଓ ପିସ୍ତଲ ବ୍ୟବହାର କରାଯାଇଛି। ତେଣୁ ବେଆଇନ ବନ୍ଧୁକକୁ ନେଇ ପୋଲିସର ଚିନ୍ତା ବଢ଼ିଚାଲିଛି। ଏ ସଂକ୍ରାନ୍ତରେ ଏସ୍‌ପି ଜ୍ଞାନରଞ୍ଜନ ମହାପାତ୍ର କହିଛନ୍ତି, ବର୍ଷକ ମଧ୍ୟରେ ୭୧ ବନ୍ଧୁକ ଜବତ କରାଯାଇଛି। ବିହାର, ଝାଡଖଣ୍ଡ ଓ ପଶ୍ଚିମବଙ୍ଗରୁ ଚୋରାରେ ବନ୍ଧୁକ ଚାଲାଣ ହେଉଥିବା ତଦନ୍ତରୁ ଜଣାପଡିଛି। ବନ୍ଧୁକ ଯୋଗାଣ କରୁଥିବା ଲୋକଙ୍କ ଉପରେ ନଜର ରଖାଯାଇଛି। ପୋଲିସ ଏହାକୁ ଗୁରୁତ୍ୱର ସହ ନେଇଛି।

## ଜ୍ଞାନ ମିଶ୍ର ନୂତନ ଗୋଇନ୍ଦା ବିଭାଗ ଡିଏସ୍‌ପି

ଢେଙ୍କାନାଳ,୭।୧୨(ରତନ ନାୟାର)

ଢେଙ୍କାନାଳ ଜିଲା ପୋଲିସରେ ନୂତନ ଗୋଇନ୍ଦା ବିଭାଗ ଡିଏସ୍‌ପି ଭାବେ ଯୋଗ ଦେଇଛନ୍ତି ଓଡ଼ିଶା ପୋଲିସ ପ୍ରଶାସନିକ ଅଧିକାରୀ ଜ୍ଞାନ ମିଶ୍ର। ଏଥିପୂର୍ବରୁ ସେ କଟକ ଜିଲା ଆଠଗଡ ଉପଖଣ୍ଡର ଏସ୍‌ଡିପିଓ ଭାବେ କାର୍ଯ୍ୟରତ ଥିଲେ। ଏ ସଂକ୍ରାନ୍ତରେ ଏସ୍‌ପି ଜ୍ଞାନ ରଞ୍ଜନ ମହାପାତ୍ର ଗୁରୁବାର ସୂଚନା ଦେଇଛନ୍ତି। ସେ କାର୍ଯ୍ୟରେ ଯୋଗ ଦେବା ପରେ ଗୋଇନ୍ଦା ବିଭାଗର ଅଧିକାରୀ ଓ କର୍ମଚାରୀମାନେ ତାଙ୍କୁ ସ୍ୱାଗତ କରିଥିଲେ।

## ଚୋରି ଅଭିଯୁକ୍ତ ଗିରଫ

କଣିହାଁ,୭।୧୨(ସଚ୍ଚିଦାନନ୍ଦ ପ୍ରଧାନ)

କଣିହାଁ ବ୍ଲକ ରେଙ୍ଗାଳି ପୋଲିସ ମନ୍ଦିରରୁ ଚୋରି ଅଭିଯୋଗରେ ଗୁରୁବାର ରେଙ୍ଗାଳି ଡ୍ୟାମ୍ ସାଇଡ୍ ନବୋଦୟ କଲୋନୀର ନୀଳାମ୍ବର ମାଝିଙ୍କୁ ଗିରଫ କରିଛି। ଭାରପ୍ରାପ୍ତ ଅଧିକାରୀ ସତିସ ଲେଙ୍କା କହିଛନ୍ତି, ବୁଧବାର ଦେନାଳି ଶିବ ମନ୍ଦିରରୁ ଚୋରି ହୋଇଥିବା ଗ୍ରାମବାସୀ ଓ ମନ୍ଦିର ପରିଚାଳନା କମିଟି ଅଭିଯୋଗ କରିଥିଲା। ନଂ. ୧୫୧/୨୩ରେ ମାମଲା ରୁଜୁ କରାଯାଇ ଅଭିଯୁକ୍ତ ନୀଳାମ୍ବରଙ୍କୁ ଗିରଫ କରାଯାଇଛି। ତାଙ୍କ ନିକଟରୁ ନାଗ ମୂର୍ତ୍ତି ଉଦ୍ଧାର ହୋଇଛି।

# ୧୧୫ ୟୁନିଟ୍ ରକ୍ତ ସଂଗ୍ରହ



ଆମ୍ବେଡକରଙ୍କ ପ୍ରତିମୂର୍ତ୍ତି ନିକଟରେ ଆମ୍ବେଦକର ସେବା ସଙ୍ଗଠନର ସଦସ୍ୟମାନେ।

ଢେଙ୍କାନାଳ,୭।୧୨(ରତନ ନାୟାର)

ଆମ୍ବେଡକରଙ୍କ ମହାପରାୟଣ ଦିବସରେ ଆମ୍ବେଦକର ସେବା ସଙ୍ଗଠନ ପ୍ରାଙ୍ଗଣରେ ମା' ଲଙ୍ଗ ବାଉତି ଟ୍ରକ୍ ଏବଂ ଟ୍ରେଲର ମାଲିକ ଉନ୍ନୟନ ସଂଘ ପକ୍ଷରୁ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ୧୧୫ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ଟାଟା ଷ୍ଟିଲ ନରେନ୍ଦ୍ରପୁର ମେରାମଣ୍ଡଳିର ସିଏସ୍‌ଆର୍ ମ୍ୟାନେଜର ସର୍ବେଶ୍ୱର ନାଥ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଟାଟା କମ୍ପାନୀରେ କାର୍ଯ୍ୟରତ ଏସ୍‌ଜିବି ବ୍ରାଣ୍ଡ ସାଫଓ୍ୱେ ପି. ଲିଃର ମୁଖ୍ୟ ତୁଷାରକାନ୍ତ ଜେନା କମ୍ପାନୀର କର୍ମକର୍ତ୍ତାମାନଙ୍କୁ ନେଇ ଶିବିର ସୁପରିଚାଳନା କରିଥିଲେ। ସଂଘ ସଭାପତି କୈଳାସ ଚନ୍ଦ୍ର ନାଏକଙ୍କ ନେତୃତ୍ୱରେ ସମ୍ପାଦକ ରାମଚନ୍ଦ୍ର ପ୍ରଧାନ, ଉପସଭାପତି ବିରଞ୍ଚି ନାରାୟଣ ନାଏକ, କୋଷାଧ୍ୟକ୍ଷ ଟିଭୁ ବେହେରା, ମୁନା ନାଏକ, ଚନ୍ଦନ ମିଶ୍ର, ଶଙ୍କର ଗୁରୁ, ପାବନା ବେହେରା, ବିଭୁ ପ୍ରଶ୍ନ ପଟ୍ଟନାୟକ, ବିମଳ ନାଏକ, ପ୍ରଶାନ୍ତ ପଣ୍ଡା, ରଶ୍ମିରଞ୍ଜନ ନାଏକ, ସନ୍ତୋଷ ରାଜମଲ, ସାଗର ପ୍ରଧାନ, ସତ୍ୟମ୍ ନାଏକ ଓ ପ୍ରକାଶ ବାରିକ ପ୍ରମୁଖ ସହଯୋଗ କରିଥିଲେ। ଡା. ମୁକ୍ତିସୁଧା ଓ ଟେକ୍ନିସିଆନ୍ ଲକ୍ଷ୍ମୀ ପ୍ରିୟା ସାହୁ, ପରମାନନ୍ଦ ପଣ୍ଡା, ରାକେଶ ବେହେରା, ତପନ ଜେନା, ବରୁଣ ସାହୁ, ଅଜୟ ସ୍ୱାଇଁ ସହଯୋଗ କରିଥିଲେ। କୁଶୁପଙ୍ଗା ସରପଞ୍ଚ ବିବେକ ନାୟକ, ୱାର୍ଡମେମ୍ବର ଲକ୍ଷ୍ମଣ ନାଏକ ଏବଂ ଆର୍‌ପିଆଇର ସଭାପତି ହରିହର ନାଏକ ଉପସ୍ଥିତ ଥିଲେ। ସଭାପତି କୈଳାସ ଚନ୍ଦ୍ର ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।

# ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ

କାମାକ୍ଷାନଗର,୭।୧୨(ଅମଜାଦ ଖାନ)

ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ବ୍ଲକ ଆଞ୍ଚଳିକ ଉଚ୍ଚ ମହାବିଦ୍ୟାଳୟ ବିରାଶାଳଠାରେ ସଫଳ ଯୁବ ସମାଜ ଗଠନ କରିବା ଏବଂ ନୂଆ ଓଡ଼ିଶା ଗଠନ ନିମିତ୍ତ ସଂକଳ୍ପରେ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ପ୍ୟାରୀ ମୋହନ ଖିଲାର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ମହାବିଦ୍ୟାଳୟ ତରଫରୁ ବିଭିନ୍ନ କମିଟି ଗଠନ କରାଯାଇଥିଲା। କ୍ରୀଡ଼ା ବିଭାଗ ପାଇଁ ସୀତାକାନ୍ତ ଦାସ, ସୁଚରିତା ନନ୍ଦ, ଭାଗ୍ୟଲକ୍ଷ୍ମୀ ସାହୁ, ଅଭିନନ୍ଦନ ପ୍ରଧାନ ଓ ରୋଜାଲିନ ଭୋଇ, ସାମାଜିକ ସେବା ପାଇଁ ସ୍ୱର୍ଣ୍ଣଲକ୍ଷ୍ମୀ ମହାପାତ୍ର, ସୋମନାଥ ଦାସ, ନିବେଦିତା ବେହେରା, ଜ୍ୟୋତିରଞ୍ଜନ ପରିଡ଼ା ଓ ଯମୁନା ହାନାଗା, ସାଂସ୍କୃତିକ ବିଭାଗ ପାଇଁ ମକରଧ୍ୱଜ ରଥ, ସନମ ସରିତା ନାୟକ, ଆଦିତ୍ୟ ପ୍ରସାଦ ମହାପାତ୍ର, ସାଗର ନାୟକ ଓ ପୁଲତା ମହାନ୍ତଙ୍କୁ ଚୟନ କରାଯାଇଥିଲା। ପ୍ରକାଶ କୁମାର ନନ୍ଦ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି କାର୍ଯ୍ୟକ୍ରମ ଆସନ୍ତା ୩୧ ତାରିଖରେ ଉଦ୍‌ଯାପିତ ହେବ ବୋଲି ଅଧ୍ୟକ୍ଷ ପ୍ୟାରୀମୋହନ ଖିଲାର ସୂଚନା ଦେଇଛନ୍ତି।



# ଫ୍ୟାଶନ ଶୋ, ନୃତ୍ୟ ପ୍ରତିଯୋଗିତା



ଛାତ୍ରୀମାନେ ବିଭିନ୍ନ ପାରମ୍ପରିକ ପୋଷାକ ପରିଧାନ କରି ର୍‍ୟାମ୍ପ ଶୋ'ରେ ଭାଗ ନେଇଛନ୍ତି।

ଢେଙ୍କାନାଳ,୭।୧୨ (ରତନ ନାୟାର)

ଢେଙ୍କାନାଳ ସରକାରୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନୂଆ-ଓ ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଅନ୍ତର୍ଗତ ସାଂସ୍କୃତିକ ପ୍ରତିଯୋଗିତାରେ ପାରମ୍ପରିକ ଫ୍ୟାଶନ୍-ଶୋ ଏବଂ କଷ୍ଟ୍ୟୁମ୍ ପ୍ରତିଯୋଗିତା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଛାତ୍ରୀମାନେ ବିଭିନ୍ନ ପାରମ୍ପରିକ ପୋଷାକ ପରିଧାନ କରି ର୍‍ୟାମ୍ପ ଶୋ'ରେ ଭାଗ ନେଇଥିଲେ। ଏଥିସହିତ ପାରମ୍ପରିକ ନୃତ୍ୟ ପ୍ରତିଯୋଗିତାରେ ଛାତ୍ରୀମାନେ ଭାଗ ନେଇ ନୃତ୍ୟ ପ୍ରଦର୍ଶନ କରିଥିଲେ। ଅଧ୍ୟକ୍ଷ ଡ. ରାମଚନ୍ଦ୍ର ମଲ୍ଲ ପ୍ରତିଯୋଗିତାକୁ ଉଦ୍‌ଘାଟନ କରି ଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ। ନୋଡାଲ୍ ଅଫିସର୍ ଅଧ୍ୟାପିକା ଲୀନା ଗନ୍ତାୟତ ଓ କୋଅର୍ଡିନେଟର୍ ପ୍ରଜ୍ଞା ପାରମିତା ମାଝି ପ୍ରତିଯୋଗିତା ପରିଚାଳନା କରିଥିଲେ।

# ଜିଲା କ୍ଷତିପୂରଣ ପରାମର୍ଶଦାତା କମିଟି ବୈଠକ

କାମାକ୍ଷାନଗର,୭।୧୨(ସୁଧୀର ପରିଡ଼ା)

ଢେଙ୍କାନାଳ ଜିଲା କାମାକ୍ଷାନଗର କାଦୁଆ ପଞ୍ଚାୟତ ମଞ୍ଜିକଣ ଓ ମର୍କଟାଠାରେ ପ୍ରସ୍ତାବିତ ନାଲ୍‌କୋ ପ୍ଲାଣ୍ଟ ନିର୍ମାଣ ପାଇଁ ଜିଲା କ୍ଷତିପୂରଣ ଓ ପରାମର୍ଶଦାତା କମିଟି ବୈଠକ ଗୁରୁବାର ଉପଜିଲାପାଳଙ୍କ ସଭାଗୃହ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ଲଳିତ ମୋହନ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ତହସିଲଦାର ପ୍ରିୟବ୍ରତ ଦାସ, ଭୂଅର୍ଜନ ଅଧିକାରୀ ମନିଷା ଗୁପ୍ତା, ଇଡ୍‌କୋ ଭୂମି ଅଧିକାରୀ ମୀନାକ୍ଷୀ ଦାସ, ସବ୍ ରେଜିଷ୍ଟ୍ରାର ଲୋକେଶ କୁମାର ରଥ, ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକ ଚିତ୍ତରଞ୍ଜନ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ। ଏଥିସହ ଆଗାମୀ ଦିନରେ ପୂର୍ତ୍ତ ବିଭାଗ ଓ ଉଦ୍ୟାନ ବିଭାଗ ସହ ଆଲୋଚନା କରାଯାଇ ଜମିର ମୂଲ୍ୟ ନିର୍ଦ୍ଧାରଣ କରାଯିବା ନେଇ ଆଲୋଚନା ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ମର୍କଟା, ଭଗୀରଥିପୁର, ମଞ୍ଜିକଣର ଅଞ୍ଚଳର ପ୍ରଜାମାନେ ଉପସ୍ଥିତ ଥିଲେ।



ଜିଲା କ୍ଷତିପୂରଣ ଓ ପରାମର୍ଶଦାତା କମିଟି ବୈଠକରେ ଉପସ୍ଥିତ ଅଧିକାରୀମାନେ।

# ବିକଶିତ ଭାରତ ସଂକଳ୍ପ ଯାତ୍ରାକୁ ସ୍ୱାଗତ

ଢେଙ୍କାନାଳ,୭।୧୨ (ରତନ ନାୟାର)

ଢେଙ୍କାନାଳ ସଦର ବ୍ଲକ ଗେଙ୍ଗୁଟିଆ ପଞ୍ଚାୟତରେ ବିକଶିତ ଭାରତ ସଂକଳ୍ପ ଯାତ୍ରା ସୁସଜ୍ଜିତ ରଥକୁ ଗୁରୁବାର ସ୍ୱାଗତ କରାଯାଇଛି। ପଞ୍ଚାୟତର ପ୍ରାୟ ସ୍ୱୟଂସହାୟକ ଗୋଷ୍ଠୀର ମହିଳା, ଅଙ୍ଗନୱାଡ଼ି କର୍ମୀ, ଆଶାକର୍ମୀ ପ୍ରମୁଖ ଉପସ୍ଥିତ ରହି ଏହି ରଥକୁ ସ୍ୱାଗତ କରିଥିଲେ। ଢେଙ୍କାନାଳ ଡାକମଣ୍ଡଳ ଅଧୀକ୍ଷକ ଜଗଦୀଶ ଦାଶ ଯୋଗଦେଇ ସମସ୍ତଙ୍କୁ 'ହମାରା ସଂକଳ୍ପ ବିକଶିତ ଭାରତ' ଶପଥ ପାଠ କରାଇଥିଲେ। ଡାକଘରର ବିଭିନ୍ନ ସେବା ଏବଂ ଉତ୍ପାଦ ବିଷୟରେ ଲୋକମାନଙ୍କୁ ଅବଗତ କରାଇବା ସହିତ ଗେଙ୍ଗୁଟିଆ ଶାଖା ଡାକଘରର ୨ଟି ପାସବୁକ୍ ବିତରଣ ବ୍ୟବସ୍ଥା କରିଥିଲେ। ଏହି ଅବସରରେ କୋଲକାତା ବନ୍ଦର ହସ୍ପିଟାଲର ବରିଷ୍ଠ ଡାକ୍ତର ତଥା କେନ୍ଦ୍ରୀୟ ଜିଲା ପ୍ରଭାରୀ ଡା. ଅରୁଣଭ ନସ୍କର, ସରପଞ୍ଚ କୈଳାସ ଚନ୍ଦ୍ର ଦେହୁରୀ, ଅଙ୍ଗନୱାଡି କର୍ମୀ ଏବଂ ସ୍ୱାସ୍ଥ୍ୟ, କୃଷି ଆଦି ବିଭାଗର ଅଧିକାରୀ, ଡାକ ବିଭାଗ ଅଧିକାରୀ ଉପସ୍ଥିତ ଥିଲେ। ସେହିପରି ବରଦା ପଞ୍ଚାୟତରେ ମଧ୍ୟ ଉକ୍ତ ରଥକୁ ସମ୍ବର୍ଦ୍ଧନା ଦିଆଯାଇଥିଲା।



ଗେଙ୍ଗୁଟିଆ ପଞ୍ଚାୟତରେ ବିକଶିତ ଭାରତ ସଂକଳ୍ପ ଯାତ୍ରାକୁ ସ୍ୱାଗତ କରାଯାଉଛି।

# ୨୦୦ରୁ ଊର୍ଦ୍ଧ୍ୱ ରୋଗୀଙ୍କ ଦନ୍ତ ଚିକିତ୍ସା

ଢେଙ୍କାନାଳ,୭।୧୨(ରତନ ନାୟାର)





ବଜରଙ୍ଗ କ୍ଲବ ପକ୍ଷରୁ ନିଃଶୁଳ୍କ ଦନ୍ତ ଚିକିତ୍ସା ଶିବିରରେ ଉପସ୍ଥିତ ଡାକ୍ତର ଓ ଅନ୍ୟମାନେ।

ସ୍ୱେଚ୍ଛାସେବୀ ଅନୁଷ୍ଠାନ ବଜରଙ୍ଗ କ୍ଲବ ତରଫରୁ ଦେଉଳସାହିସ୍ଥିତ କ୍ଲବ ପରିସରରେ ଗୁରୁବାର ନିଃଶୁଳ୍କ ଦନ୍ତ ପରୀକ୍ଷା ଓ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଢେଙ୍କାନାଳ ବିଧାୟକ ସୁଧୀର କୁମାର ସାମଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ନବୀନଚନ୍ଦ୍ର ନାରାୟଣ ଦାସ, ଏସ୍‌ପି ଜ୍ଞାନରଞ୍ଜନ ମହାପାତ୍ର ଓ ପୌରସଂସ୍ଥାର ଉପନଗରପାଳ ପ୍ରକାଶ ଚନ୍ଦ୍ର କୁଅଁର, କାଉନ୍‌ସିଲର ଦୀପ୍ତି ରଞ୍ଜନ ସେଠୀ, ଅଭିମନ୍ୟୁ ପଣ୍ଡା, ସନ୍ଦୀପ ଷଡଙ୍ଗୀ, ସସ୍ମିତା ଭଞ୍ଜ, ଶୁଭଲକ୍ଷ୍ମୀ ସାହୁ, କାଉନ୍‌ସିଲର ସାଗିର ମହମ୍ମଦ ପ୍ରମୁଖ ଯୋଗ ଦେଇଥିଲେ। ସମ ହସ୍ପିଟାଲ ଭୁବନେଶ୍ୱର ସହଯୋଗରେ ଅଭିଜ୍ଞ ଦନ୍ତ ରୋଗ ବିଶେଷଜ୍ଞଙ୍କ ସମେତ ୨୦ଜଣିଆ ଟିମ୍ ୨୦୦ରୁ ଊର୍ଦ୍ଧ୍ୱ ରୋଗୀଙ୍କ ଚିକିତ୍ସା କରିଥିଲେ। କ୍ଲବ ସଭାପତି ମାନସ ରାଉତ, କାର୍ଯ୍ୟକାରୀ ସଭାପତି ସଂକଟ ଭଞ୍ଜନ ବେହେରା ଓ ସୁବ୍ରତ ଦାସ, ଉପସଭାପତି ପ୍ରିୟରଞ୍ଜନ ଛୋଟରାୟ ଓ ପ୍ରିୟବ୍ରତ ସାସମଲ, ସାଧାରଣ ସମ୍ପାଦକ ଶୁଭେନ୍ଦୁ ଷଡ଼ଙ୍ଗୀ, କାର୍ଯ୍ୟକାରୀ ସମ୍ପାଦକ ଦେବାଶିଷ ଦାଶ ଓ ଅରବିନ୍ଦ ବେହେରା, ଯୁଗ୍ମ ସମ୍ପାଦକ ଦୀପକ ବେହେରା, ବିକ୍ରମ କେଶରୀ ମହାପାତ୍ର, ସହସମ୍ପାଦକ ରୋଜେଶ ପରିଡା ଓ ଦେବାଶିଷ ନାୟକ, କୋଷାଧ୍ୟକ୍ଷ ବିକାଶ ହିଣ୍ଡୋଚା, କାର୍ଯ୍ୟକାରୀ କମିଟି ସଦସ୍ୟ ଶଶି ଭୂଷଣ ପରିଡା, ସଞ୍ଜୀବ ପଣ୍ଡା, କୃଷ୍ଣଚନ୍ଦ୍ର ନାୟକ, ରାଜେଶ ବେହେରା, ରତିରଞ୍ଜନ ପଣ୍ଡା, ପି. ଆଞ୍ଜେନେୟ, ଚନ୍ଦନ ରଥ, ସାଗର ମହାନ୍ତି, ସସ୍ମିତ ମହାପାତ୍ର, ଶିବ ପ୍ରସାଦ ମହାପାତ୍ରଙ୍କ ସମେତ କ୍ଲବର ସଦସ୍ୟ ସନ୍ଦୀପ ହିଣ୍ଡୋଚା, ଶୁଭମ୍ ଗୁରୁଙ୍ଗ, ରିତେଶ ଦାଶ, ଦୀପ୍ତିରଞ୍ଜନ ମିଶ୍ର, ବିଭୁ ପ୍ରସାଦ ମହାପାତ୍ର, ଆଶୁତୋଷ କର, ପି. ଅଞ୍ଜନେୟ, ରବୀନ୍ଦ୍ର ସୋନି, ଜ୍ୟୋତି ପ୍ରକାଶ ବେହେରା ପ୍ରମୁଖ ସହଯୋଗ କରିଥିଲେ।

# ତମାଖୁ ସେବନରୁ ସମସ୍ତେ ନିବୃତ୍ତ ରୁହନ୍ତୁ

ଢେଙ୍କାନାଳ,୭।୧୨(ରତନ ନାୟାର)

ଢେଙ୍କାନାଳ ବ୍ରଜନାଥ ବଡ଼ଜେନା ଉଚ୍ଚ ବିଦ୍ୟାଳୟ ପରିସରରେ ଏକ ସପ୍ତାହ ବ୍ୟାପୀ ତମାଖୁମୁକ୍ତ ବିଦ୍ୟାଳୟ ସଚେତନତା ଅଭିଯାନ ୨୦୨୩ ଆରମ୍ଭ ହୋଇଛି। ଏହି ଅବସରରେ ଗୁରୁବାର ପ୍ରଧାନ ଶିକ୍ଷୟିତ୍ରୀ ବ୍ରହ୍ମୋତ୍ରୀ ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ସଂଯୋଜକ ବରିଷ୍ଠ ଶିକ୍ଷକ ଡ. ଦେବୀ ପ୍ରସାଦ ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅତିଥି ପ୍ରଶିକ୍ଷିକା ଇପ୍‌ସିତା ମିଶ୍ର, ପାରମିତା ମହାନ୍ତି, ସନ୍ଧ୍ୟାରାଣୀ ସାହୁ, ଚାମେଲି ମହାନ୍ତି, ସମୀର କୁମାର ବେହେରା ପ୍ରମୁଖ ଯୋଗଦେଇ ତମାଖୁ ବ୍ୟବହାର ଦ୍ୱାରା ସମାଜରେ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ସାମାଜିକ, ଅର୍ଥନୈତିକ ଓ ଅନ୍ୟାନ୍ୟ ପାରିପାର୍ଶ୍ୱିକ କ୍ଷେତ୍ରରେ ଅଗ୍ରଗତି ପ୍ରଭାବିତ ହେଉଥିବା ମତବ୍ୟକ୍ତ କରିଥିଲେ। ଏହି ତମାଖୁ ସେବନରୁ ସମସ୍ତେ ନିବୃତ ରହିବା ସହ ଭବିଷ୍ୟତ ବଂଶଧରମାନଙ୍କୁ ସତର୍କ ଓ ସଚେତନ କରିବା ଜରୁରୀ ବୋଲି ଆହ୍ୱାନ ଦେଇଥିଲେ। ଏହି ଅବସରରେ ବିଦ୍ୟାଳୟ ସମର ଶିକ୍ଷାର୍ଥୀ ବାହିନୀର ପ୍ରାୟ ୩୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ସିନିୟର କ୍ୟାଡେଟ୍ ଆଶୁତୋଷ ତ୍ରିପାଠୀଙ୍କ ନେତୃତ୍ୱରେ ସମ୍ମିଳିତ ଭାବେ ଶପଥପାଠ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟସ୍ତରୀୟ ସ୍ଲୋଗାନ ଲିଖନ, ଚିତ୍ରାଙ୍କନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଜାତୀୟ ଓ ରାଜ୍ୟ ପୁରସ୍କାରପ୍ରାପ୍ତ ଶିକ୍ଷକ ରୁଦ୍ର ନାରାୟଣ ମିଶ୍ର ସ୍ମୃତି ପୁରସ୍କାର ପ୍ରଦାନ କରାଯାଇଥିଲା। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସାରଙ୍ଗଧର ସାହୁ, ଉପସଭାପତି ସୁପ୍ରଭା ସ୍ୱାଇଁ, ଶିକ୍ଷୟିତ୍ରୀ ଡ. ଅନୁପମା ମିଶ୍ର, ସୁନିତା ନାଥ, ସୁଜିତ କୁମାର ବାରା ଏଥିରେ ସହଯୋଗ କରିଥିଲେ।



ତମାଖୁମୁକ୍ତ ବିଦ୍ୟାଳୟ ସଚେତନତା ଅଭିଯାନ।

# ଯୁବ ବିକାଶ ପ୍ରଶିକ୍ଷଣ ଶିବିର

ସାତମାଇଲ,୭।୧୨(ସୁଶାନ୍ତ ପତି)

ଓଡ଼ାପଡ଼ା ବ୍ଲକ ହିନ୍ଦୋଳରୋଡ଼ସ୍ଥିତ ଓପିଏସ୍ ମହାବିଦ୍ୟାଳୟରେ ରାଜ୍ୟ ସରକାରଙ୍କ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଅନ୍ତର୍ଗତ ପ୍ରାଥମିକ ଚିକିତ୍ସା ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଡ. ଶମ୍ଭୁପ୍ରସାଦ ପ୍ରଧାନ ଏହାକୁ ଉଦ୍‌ଘାଟନ କରିଥିଲେ। ପ୍ରାଧ୍ୟାପକ ଗୁରୁଚରଣ ରାଉତରାୟ କାର୍ଯ୍ୟକ୍ରମର ଉପାଦେୟତା ସମ୍ପର୍କରେ ସୂଚନା ଦେଇଥିଲେ। ଅଧ୍ୟାପକ ରଞ୍ଜନ ସାହୁ, ତ୍ରିଲୋଚନ ସାହୁ, ରାଜକିଶୋର ସାମଲ, ଅକ୍ଷୟ ସାହୁ, ବଳରାମ ପୃଷ୍ଟି, ଅଧ୍ୟାପିକା ନୟନା, ବରାଳ ପ୍ରମୁଖ ପରିଚାଳନା କରିଥିଲେ। ଅଧ୍ୟାପକ ପ୍ରଣବ ହୋତା ପ୍ରଶିକ୍ଷଣ ଦେଇଥିଲେ। ଏନ୍‌ସିସି, ଏନ୍‌ଏସ୍‌ଏସ୍, ରୋଭର ରେଞ୍ଜର, ଯୁବ ରେଡକ୍ରସ ସଦସ୍ୟ ତଥା ବହୁ ସଂଖ୍ୟାରେ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ। ଅଧ୍ୟାପକ ଡ. ଦେବାନନ୍ଦ ଦାସ ସଂଯୋଜନା କରିଥିବାବେଳେ ମନୋଜ ରାଉତ ଧନ୍ୟବାଦ ଦେଇଥିଲେ।

# ଯୁବପିଢ଼ି ବିକଶିତ ହେଲେ ଆଦର୍ଶ ସମାଜ ଗଢ଼ିପାରିବେ



ସାନ୍ଧ୍ୟ ଡିଗ୍ରୀ କଲେଜରେ ଯୁବ ବିକାଶ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

ଢେଙ୍କାନାଳ,୭।୧୨(ରତନ ନାୟାର)

ଢେଙ୍କାନାଳ ସହରସ୍ଥିତ ହାଟରୋଡ ଠାରେ ଥିବା ସାନ୍ଧ୍ୟ ଡିଗ୍ରୀ ମହାବିଦ୍ୟାଳୟ ପରିସରରେ ଗୁରୁବାର ନୂଆ-ଓ, ଯୁବ ଓଡ଼ିଶା ନବୀନ ଓଡ଼ିଶା ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ସମୀର କୁମାର ସାହୁ ଅଧ୍ୟକ୍ଷତା କରିବା ସହ ଯୁବପିଢ଼ି ବିକଶିତ ହେଲେ ଏକ ଆଦର୍ଶ ସମାଜ ଗଠନ ହୋଇପାରିବ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ବିଶିଷ୍ଟ କବି ଓ ସାହିତ୍ୟିକ ବାହାଦୁର ପାଟସାହାଣୀ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମର ପ୍ରଥମ ଦିବସର ଯୋଗ ଶିବିର ଅନୁଷ୍ଠିତ ହୋଇଥିଲା। ଯୋଗ ପ୍ରଶିକ୍ଷକ ପ୍ରଳୟ ଦାସ ଯୋଗଦେଇ ଯୋଗ ଶିକ୍ଷା ପ୍ରଦାନ କରିଥିଲେ। ଏଥିସହିତ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଖୋଟି, ଚେସ୍, କ୍ୟାରମ୍ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମର ମୁଖ୍ୟ ସଂଯୋଜକ ଅର୍ଥନୀତି ଅଧ୍ୟାପକ ସମୀର କୁମାର ମଲ୍ଲିକ, ଓଡ଼ିଆ ଅଧ୍ୟାପିକା ନିରୁପମା ନାୟକ, ଡ. ନିହାର ରଞ୍ଜନ ନନ୍ଦ, ଅଧ୍ୟାପିକା ସବୁଜଲତା ସାହୁ, ସିପ୍ରା ବିଶ୍ୱାଳ, ରୋଜାଲିନ ପରିଡ଼ା ଓ ପ୍ରିୟଦର୍ଶିନୀ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଛାତ୍ରୀ ଶୁଭଶ୍ରୀ ଦାସ, ମୋନାଲିସା ଓଝା, ଅଭିଲିପସା ଦାସ, ଛାତ୍ର ସୁରଜ ପଣ୍ଡା, ପିଙ୍କୁନ ବେହେରା ଓ ନରେନ୍ଦ୍ର ସାହୁ ପ୍ରମୁଖ ନିଜ ନିଜର ଅଭିଜ୍ଞତା କହିଥିଲେ। ଅଧ୍ୟାପିକା ସ୍ୱର୍ଣ୍ଣଲତା ମହାଲିକ ଧନ୍ୟବାଦ ପ୍ରଦାନ କରିଥିଲେ।

# ରାଜ୍ୟପାଳଙ୍କୁ ଫେରାଦ ହେଲା ଭାଜପା

## ରେଙ୍ଗାଲି ବୁଡ଼ି ବିସ୍ଥାପିତଙ୍କ ସତ୍ୟାଗ୍ରହ

**ଅନୁଗୋଳ,୭।୧୨ (ଅମିତ କୁମାର ସାମଲ)**

ଅନୁଗୋଳ ଜିଲା ପାଲଲହଡ଼ା ବ୍ଲକ ଗୁରୁଜାଙ୍ଗସ୍ଥିତ ଦ୍ୱିତୀୟ ଚିଲିକାଠାରେ ରେଙ୍ଗାଲି ବୁଡ଼ି କ୍ଷତିଗ୍ରସ୍ତ ପ୍ରଜା ସଂଘ ପକ୍ଷରୁ ୭ ଦଫା ଦାବି ନେଇ ୭ ଦିନ ହେଲା ଜାରି ରହିଥିବା ଜଳ ସତ୍ୟାଗ୍ରହ ସମ୍ପର୍କରେ ଜିଲା ଭାଜପାର ଏକ ପ୍ରତିନିଧି ଦଳ ଗୁରୁବାର ରାଜ୍ୟପାଳ ରଘୁବର ଦାସଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଜିଲା ଭାଜପା ସଭାପତି ଦିଲେଶ୍ୱର ପ୍ରଧାନଙ୍କ ନେତୃତ୍ୱରେ ଯାଇଥିବା ଏହି ପ୍ରତିନିଧି ଦଳ ନାଲ୍କୋ ଅତିଥି ଭବନଠାରେ ରାଜ୍ୟପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିବା ସହ ତୁରନ୍ତ ବୁଡ଼ି ଅଞ୍ଚଳ ବିସ୍ଥାପିତମାନଙ୍କ ସମସ୍ୟା ସମାଧାନ ନିମନ୍ତେ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେବାକୁ ଅନୁରୋଧ କରିଛନ୍ତି।

ଦାବିପତ୍ରରେ ଭାଜପା ପକ୍ଷରୁ ଦର୍ଶାଯାଇଛି, ରେଙ୍ଗାଲି ବୁଡ଼ି ଅଞ୍ଚଳ ବିସ୍ଥାପିତମାନେ ବହୁବାର ଦାବିପତ୍ର ଦେଇ ସରକାରଙ୍କ ଠାରୁ ନିରାଶ ହେବାପରେ ଶେଷରେ ଚରମ ନିଷ୍ପତ୍ତି ନେଇଛନ୍ତି। ୨୦୧୦ରେ ଏକର ପିଛା ୫୦ ହଜାର ଟଙ୍କା ବର୍ଦ୍ଧିତ ଅନୁକମ୍ପାମୂଳକ ରାଶି ଦେବା ପାଇଁ ସରକାର ଘୋଷଣା କରିଥିଲେ ମଧ୍ୟ ତାହା ଆଜି ପର୍ଯ୍ୟନ୍ତ ବିସ୍ଥାପିତମାନଙ୍କୁ ମିଳିନାହିଁ। ଏଥିସହ ସ୍ଥାୟୀ ଜମିପଟା ପ୍ରଦାନ, ଜମି ଚିହ୍ନଟ କରିବା, ଖୁଣ୍ଟି ଉଠା ପଇସା ଦେବା, ବସତି ସ୍ଥାନରେ ଦେବାଳୟ, ପୋଖରୀ, ବିଦ୍ୟାଳୟ, ବିଦ୍ୟୁତ୍, ପାଇପ ପାଣି, ପକ୍କା ରାସ୍ତା ନିର୍ମାଣ, ରାଶନ କାର୍ଡ ବ୍ୟବସ୍ଥା ଆଦି ଦାବି ନେଇ ୭ ଦିନ ହେଲା ପାଣି ଭିତରେ ସତ୍ୟାଗ୍ରହ ଚଳାଇଛନ୍ତି। ତେଣୁ ସମସ୍ୟାର ସମାଧାନ ପାଇଁ ରାଜ୍ୟପାଳ ଏଥିରେ ହସ୍ତକ୍ଷେପ କରିବା ସହିତ ରାଜ୍ୟ ସରକାରଙ୍କୁ ଦାବି ପୂରଣ ପାଇଁ ନିର୍ଦ୍ଦେଶ ଦେବାକୁ ଭାଜପା ପ୍ରତିନିଧିମଣ୍ଡଳୀ ଅନୁରୋଧ କରିଛନ୍ତି। ଏହି ପ୍ରତିନିଧିମଣ୍ଡଳୀରେ ଭାଜପାର ବରିଷ୍ଠ ନେତା ରୁଦ୍ର ନାରାୟଣ ପାଣି, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ଜାତୀୟ କ୍ଷୁଦ୍ର ଶିଳ୍ପ ନିଗମ ନିର୍ଦ୍ଦେଶକ କାଳନ୍ଦୀ ସାମଲ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଶୋକ ମହାନ୍ତି, ଅଗସ୍ତି ବେହେରା, ଜିଲା କୋଷାଧ୍ୟକ୍ଷ ବିଶ୍ୱଜିତ ମିଶ୍ର, ଜିଲା କମିଟି ସଦସ୍ୟ ପ୍ରକାଶ ସିଂହ, ଜିଲା ମିଡିଆ ସେଲ୍ ଅଧ୍ୟକ୍ଷ ପର୍ଶୁରାମ ବାରିକ, ଜିଲା ସମ୍ପାଦକ ପ୍ରଶାନ୍ତ ନନ୍ଦ ପ୍ରମୁଖ ସାମିଲ ଥିଲେ।


ରାଜ୍ୟପାଳଙ୍କୁ ଭେଟୁଛନ୍ତି ଭାଜପା ପ୍ରତିନିଧିମଣ୍ଡଳୀ।

# ଶୈଳଶ୍ରୀକ୍ଷେତ୍ର ପରିଦର୍ଶନକଲେ ରାଜ୍ୟପାଳ

**ଅନୁଗୋଳ,୭।୧୨ (ଅମିତ କୁମାର ସାମଲ)**

ଅନୁଗୋଳ ଜିଲା ଗସ୍ତର ଦ୍ୱିତୀୟ ତଥା ଅନ୍ତିମ ଦିବସରେ ରାଜ୍ୟପାଳ ରଘୁବର ଦାସ ସହରସ୍ଥିତ ଶୈଳଶ୍ରୀକ୍ଷେତ୍ର ଜଗନ୍ନାଥ ମନ୍ଦିର ପରିଦର୍ଶନ କରିଥିଲେ। ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ରାଜ୍ୟପାଳ ସକାଳ ୮ଟା ୩୦ରେ ଶୈଳଶ୍ରୀକ୍ଷେତ୍ରରେ ପହଞ୍ଚିବା ପରେ ମନ୍ଦିର ପ୍ରଶାସନ ଓ ଜିଲା ପ୍ରଶାସନ ପକ୍ଷରୁ ତାଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ରାଜ୍ୟପାଳ ମନ୍ଦିର ଭିତରକୁ ଯାଇ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଦର୍ଶନ କରିବା ସହ ପୂଜାର୍ଚ୍ଚନା କରିଥିଲେ। ପରେ ସେ ମନ୍ଦିର ପ୍ରାଙ୍ଗଣରେ ଥିବା ପାର୍ଶ୍ୱ ଦେବଦେବୀଙ୍କୁ ମଧ୍ୟ ଦର୍ଶନ କରିଥିଲେ। ରାଜ୍ୟପାଳଙ୍କ ଏହି କାର୍ଯ୍ୟକ୍ରମରେ ଜଗନ୍ନାଥ ମନ୍ଦିର ପରିଚାଳନା କମିଟି ସମ୍ପାଦକ ହେମନ୍ତ କୁମାର ଦାଶ, ଭବାନୀ ପ୍ରସାଦ ମିଶ୍ର, ପରମାନନ୍ଦ ମିଶ୍ର ଓ ଜିଲା ପ୍ରଶାସନ ପକ୍ଷରୁ ଅତିରିକ୍ତ ଜିଲାପାଳ ଉଦୟ କୁମାର ମହାପାତ୍ର, ଜିଲା ପରିଷଦ ଅତିରିକ୍ତ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ପଦ୍ମନାଭ ସାମନ୍ତରାୟ, ଅନୁଗୋଳ ଉପଖଣ୍ଡ ପୋଲିସ ଅଧିକାରୀ ରମାକାନ୍ତ ମାହାଲିକଙ୍କ ସମେତ ସହରର ବୁଦ୍ଧିଜୀବୀ ଉପସ୍ଥିତ ଥିଲେ। ଏହାପରେ ରାଜ୍ୟପାଳ ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିଥିଲେ।


ମା' ଲକ୍ଷ୍ମୀଙ୍କ ମନ୍ଦିର ସମ୍ମୁଖରେ ବସି ରାଜ୍ୟପାଳ ପୁସ୍ତିକାରେ ସ୍ୱାକ୍ଷର କରୁଛନ୍ତି।

# ଦିବ୍ୟାଙ୍ଗ ଛାତ୍ରୀଛାତ୍ର ପ୍ରଶଂସିତ ହେଉଛନ୍ତି

**କାମାକ୍ଷାନଗର,୭।୧୨ (ସୁଧୀର ପରିଡ଼ା)**

କଙ୍କଡ଼ାହାଡ଼ ବ୍ଲକ ଅନ୍ତର୍ନିବେଶୀ ସାଧନକେନ୍ଦ୍ର ପରିସରରେ ବ୍ଲକ ଶିକ୍ଷା ଅଧିକାରୀ ସାଗର ଟୁଡୁଙ୍କ ସଭାପତିତ୍ୱରେ ଆନ୍ତର୍ଜାତିକ ବିଦ୍ୟାଙ୍ଗ ଦିବସ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବିଡିଓ ଯଶୋବନ୍ତ ଦେହୁରୀ ଯୋଗଦେଇ ଦିବ୍ୟାଙ୍ଗ ଛାତ୍ରୀଛାତ୍ର ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରି ପ୍ରଶଂସାର ପାତ୍ର ହେଉଛନ୍ତି ବୋଲି ପ୍ରକାଶ କରିଥିଲେ। ମୁଖ୍ୟବକ୍ତା ଭାବେ କଙ୍କଡାହାଡ଼ ଥାନା ଅଧିକାରୀ କଳ୍ପନା ବେହେରା, ସମ୍ମାନିତ ଅତିଥି ପୂର୍ବତନ ଅଧ୍ୟକ୍ଷ କାର୍ତ୍ତିକ ସାହୁ, ବିଆର୍‌ସିସି ବିଶ୍ୱେଶ୍ୱର ମିଶ୍ର, ସରପଞ୍ଚ ତାପସ ପାଣି ଯୋଗ ଦେଇଥିଲେ। ଏହି ଅବସରରେ ଭିନ୍ନକ୍ଷମ ଛାତ୍ର ଶୁଭ୍ରନାରାୟଣ ମିଶ୍ର, ତପନ ସେଠ, ଛାତ୍ରୀ ଦୀପାଳି ପରିଡାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ୭୬ ଭିନ୍ନକ୍ଷମ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ୫ ଜଣଙ୍କୁ ତିନି ଚକିଆ ସାଇକେଲ, ୨ ଜଣଙ୍କୁ ଶ୍ରବଣ ଯନ୍ତ୍ର ପ୍ରଦାନ କରାଯାଇଥିଲା। ଗୋଷ୍ଠୀ ସମ୍ବଳ ଶିକ୍ଷକ ପରେଶ ରାଉତ, ହେମନ୍ତ ପ୍ରଧାନ, ନିରଞ୍ଜନ ନାଏକ, ମାମିନା ସିଂହ, ସେବତୀ ପଣ୍ଡା, ମଳୟ ବେହେରା, ମାନସ ରଞ୍ଜନ ସାହୁ, ତ୍ରିଲୋଚନ ପଣ୍ଡା, ଉମେଶ ଚନ୍ଦ୍ର ମହାନ୍ତ ପ୍ରମୁଖ ପରିଚାଳନା କରିଥିଲେ।


ଆନ୍ତର୍ଜାତିକ ବିଦ୍ୟାଙ୍ଗ ଦିବସ ପାଳନ ଅବସରରେ ମଞ୍ଚାସୀନ ଅତିଥିମାନେ।

# ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ


ତାଳଚେର ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗୁରୁବାର ବ୍ଲକ କଂଗ୍ରେସ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

**ତାଳଚେର,୭।୧୧ (ମନୋଜ ନନ୍ଦ)**

ତାଳଚେର ବ୍ଲକ କଂଗ୍ରେସ କମିଟି ପକ୍ଷରୁ ସଭାପତି ବିଚ୍ଛନ୍ଦ ସାମଲଙ୍କ ନେତୃତ୍ୱରେ ତାଳଚେର ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିଭିନ୍ନ ଦାବିରେ ଗୁରୁବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏଥିସହିତ ଉପଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ପବିତ୍ରମୋହନ ମେଡିକାଲ କଲେଜ ଏବଂ ହସ୍ପିଟାଲ ତୁରନ୍ତ କାର୍ଯ୍ୟକ୍ଷମ କରିବା, ନେହେରୁ ଶତାବ୍ଦୀ ହସ୍ପିଟାଲକୁ ବନ୍ଦ କରା ନ ଯିବା ଆଦି ଦାବିରେ ବିକ୍ଷୋଭ ପ୍ରଦର୍ଶନ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଦିଗମ୍ବର ଗଡ଼ନାୟକ, ସସ୍ମିତା ବେହେରା, ପ୍ରଫୁଲ୍ଲ ଦାସ, ସବିତା ରାଣୀ ଧିର, ସଂଗ୍ରାମ କୁଅଁର, ଦୁର୍ଗା ଶତପଥୀ, ପ୍ରମୋଦ ସାହୁ, ଜଗବନ୍ଧୁ ସାମଲ, ପ୍ରଦୀପ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ।

# ୨ ଜଣଙ୍କୁ ଦଳିଦେଲା ହାତୀ

## ଶରଧାପୁର, ଛେଳିଆପଡ଼ାରେ ଚାପା ଉତ୍ତେଜନା

**ଅନୁଗୋଳ,୭।୧୨ (ଅମିତ କୁମାର ସାମଲ)**

ଅନୁଗୋଳ ବନଖଣ୍ଡ ଅଧୀନ ଶରଧାପୁର ଓ ଛେଳିଆପଡ଼ାରେ ଗୁରୁବାର ରାତିରେ ହାତୀ ଆକ୍ରମଣରେ ୨ ଜଣଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଶରଧାପୁର ଗାଁର ଗୁରୁ ନାଏକ (୧୮) ଓ ଛେଳିଆପଡା ଗାଁର ଅଇଁଠୁ ସାହୁ (୫୫)। ଉଭୟଙ୍କୁ ଘର ନିକଟରେ ହିଁ ହାତୀ ଦଳି ମାରିଦେଇଥିବାରୁ ଏହାକୁ ନେଇ ସେଠାରେ ଚାପା ଉତ୍ତେଜନା ଦେଖାଦେଇଛି। ଖବର ଲେଖାହେବା ପର୍ଯ୍ୟନ୍ତ ଘଟଣାସ୍ଥଳରେ ବନ ବିଭାଗର କର୍ମଚାରୀମାନେ ପହଞ୍ଚିନାହାନ୍ତି।

ପ୍ରକାଶ ଯେ, ରାତି ପ୍ରାୟ ୧୦ଟା ବେଳେ ଶରଧାପୁର ଗ୍ରାମର ଯୁବକ ଗୁରୁ ଘର ନିକଟରେ ବୁଲୁଥିବା ବେଳେ ହଠାତ୍ ଏକ ହାତୀ ତାଙ୍କୁ ଆକ୍ରମଣ କରିଥିଲା। ହାତୀ ତାଙ୍କୁ ଦଳି ଦେବାରୁ ଘଟଣାସ୍ଥଳରେ ହିଁ ଗୁରୁଙ୍କ ପ୍ରାଣବାୟୁ ଉଡ଼ିଯାଇଥିଲା। ଏହାପରେ ଉକ୍ତ ହାତୀ ଛେଳିଆପଡା ଗାଁକୁ ପଶି ଅଇଁଠୁଙ୍କୁ ଆକ୍ରମଣ କରିଥିଲା। ତାଙ୍କର ମଧ୍ୟ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ମାତ୍ର ଅଧଘଣ୍ଟା ମଧ୍ୟରେ ୨ଟି ଗାଁରେ ପଶି ହାତୀ ୨ ଜଣଙ୍କ ଜୀବନ ନେବା ଖବର ଜଣାପଡ଼ିବା ପରେ ଅଞ୍ଚଳରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଖବର ଦିଆଯାଇଥିଲେ ମଧ୍ୟ ବନ ବିଭାଗର କୌଣସି କର୍ମଚାରୀ ରାତି ୧୧ଟା ସୁଦ୍ଧା ଗାଁରେ ପହଞ୍ଚି ନ ଥିବାରୁ ଶରଧାପୁର ଓ ଛେଳିଆପଡ଼ାବାସୀଙ୍କ ମଧ୍ୟରେ ଚାପା ଉତ୍ତେଜନା ସୃଷ୍ଟି ହୋଇଛି। ଏ ନେଇ ଅନୁଗୋଳ ବନାଞ୍ଚଳ ଅଧିକାରୀ ହରମୋହନ ନାୟକ ହାତୀ ଆକ୍ରମଣରେ ୨ ଜଣଙ୍କ ମୃତ୍ୟୁ ହୋଇଥିବା ସ୍ୱୀକାର କରିଛନ୍ତି।



# ଯୁବକମାନେ ପରିବର୍ତ୍ତନ ଆଣିପାରିବେ

**ମାଧପୁର,୭।୧୨ (ମନୋଜ ପ୍ରଧାନ)**

ଆଠମଲ୍ଲିକ ବ୍ଲକ ମାଧପୁର ସତ୍ୟବାଦୀ ମେହେର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ବୁଧବାର ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। ଅଧ୍ୟକ୍ଷ ବୈଦ୍ୟନାଥ ସାହୁ ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ହାଇସ୍କୁଲ ପ୍ରଧାନ ଶିକ୍ଷକ ପୀତାମ୍ବର ବିଶ୍ୱାଳ ଯୋଗଦେଇ ଯୁବକମାନେ ହିଁ ସମାଜରେ ପରିବର୍ତ୍ତନ ଆଣିପାରିବେ ବୋଲି ମତ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ଲୁଣହାଣ୍ଡି ସରପଞ୍ଚ ଅରୂପା ଚାନ୍ଦ, ଅଧ୍ୟାପକ ପ୍ରତାପ ଚନ୍ଦ୍ର ତ୍ରିପାଠୀ, ଅଧ୍ୟାପକ ସୁଶାନ୍ତ ଶେଖର ମଙ୍ଗରାଜ ଉପସ୍ଥିତ ଥିଲେ। ଅଧ୍ୟାପକ ଧନଞ୍ଜୟ ଦନ୍ତାଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମାଧ୍ୟମିକ ବିଦ୍ୟାଳୟର ସମସ୍ତ କର୍ମଚାରୀ ଏବଂ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ରଙ୍ଗୋଲି, ଚିତ୍ରାଙ୍କନ ଏବଂ ମେହେନ୍ଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଅଧ୍ୟାପକ ମହେନ୍ଦ୍ର କନ୍ଧପାଣି ଧନ୍ୟବାଦ ଅର୍ପଣ କରିଥିଲେ।



ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଉଦ୍‌ଘାଟନ ଅବସରରେ ମଞ୍ଚାସୀନ ଅତିଥିବୃନ୍ଦ।

# ନିର୍ମାଣ ଶ୍ରମିକଙ୍କୁ ସହାୟତା ବଣ୍ଟନ


ଅତିଥିମାନଙ୍କ ସହ ସହାୟତା ପାଇଥିବା କେତେଜଣ ନିର୍ମାଣ ଶ୍ରମିକ।

**ଛେଣ୍ଡିପଦା,୭।୧୨ (ଅଜିତ ଧଳ)**

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ କୋଶଳା କଲ୍ୟାଣ ମଣ୍ଡପ ପରିସରରେ ଜିଲା ଶ୍ରମ କାର୍ଯ୍ୟାଳୟ ଓ ଜିଲା ପ୍ରଶାସନ ପକ୍ଷରୁ ସହାୟତା ବଣ୍ଟନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଛେଣ୍ଡିପଦା ବିଧାୟକ ସୁଶାନ୍ତ କୁମାର ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ନିର୍ମାଣ ଶ୍ରମିକଙ୍କୁ ସହାୟତା ରାଶି ପ୍ରଦାନ କରିଥିଲେ। ଏହି ଶିବିରରେ ୩୫୦ ଜଣଙ୍କୁ ନୂତନ ଶ୍ରମ କାର୍ଡ ଓ ୩୫ଜଣଙ୍କୁ ଅଣ ସଙ୍ଗଠିତ ନୂତନ କାର୍ଡ ପ୍ରଦାନ କରାଯାଇଥିଲା। ୩୨୨ ନିର୍ମାଣ ଶ୍ରମିକଙ୍କୁ ମୋଟ ୧ କୋଟି ୭୩ ଲକ୍ଷ ୪୪ ହଜାର ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଥିଲା। ୧୪ଜଣଙ୍କୁ ଶିକ୍ଷା ସହାୟତା ବାବଦରେ ୧ ଲକ୍ଷ୧୪ ହଜାର, ୨୬୭ ଜଣଙ୍କୁ ବିବାହ ସହାୟତା ବାବଦରେ ୧କୋଟି ୩୩ ହଜାର, ୧୯ ଜଣଙ୍କ ପରିବାରକୁ ମୃତ୍ୟୁକାଳୀନ ସହାୟତା ସ୍ୱରୂପ ୩୮ ଲକ୍ଷ, ୧୮ ଜଣଙ୍କ ପରିବାରକୁ ଅନ୍ତ୍ୟେଷ୍ଟି କ୍ରିୟା ସହାୟତା ବାବଦରେ ୯୦ ହଜାର, ୪ ଜଣଙ୍କୁ ମାତୃ ସହାୟତା ବାବଦରେ ୪୦ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ସମ୍ମାନିତ ଅତିଥ ଭାବେ ଜିଲା ପରିଷଦ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ପ୍ରଦୀପ କୁମାର ସାହୁ, ବ୍ଲକ ଅଧ୍ୟକ୍ଷା ସୁମିତ୍ରା ସାହୁ, ଉପାଧ୍ୟକ୍ଷା ଝରଣା ସ୍ୱାଇଁ, ନିଶା ସରପଞ୍ଚ ରାମଚନ୍ଦ୍ର ବେହେରା ଓ ଜିଲା ଶ୍ରମିକ ସଙ୍ଗଠନ କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ। ଆଞ୍ଚଳିକ ଶ୍ରମ ଆୟୁକ୍ତ ଇତିଶ୍ରୀ ଗାଗରାଇ ଶିବିର ଆୟୋଜନର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିବା ବେଳେ ସହକାରୀ ଶ୍ରମ ଅଧିକାରୀ ଦେବ ପ୍ରସାଦ ମହାନ୍ତି ପରିଚାଳନା କରିଥିଲେ। ସହକାରୀ ଶ୍ରମ ଅଧିକାରୀ ପ୍ରିୟମ୍ବଦା ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

# ଉତ୍ତମ ସ୍ୱାସ୍ଥ୍ୟ ପାଇଁ କ୍ରୀଡ଼ା ଆବଶ୍ୟକ

**ବଇଣ୍ଡା,୭।୧୨ (ପରିକ୍ଷିତ ସାହୁ)**

ଉତ୍ତମ ସ୍ୱାସ୍ଥ୍ୟ ପାଇଁ କ୍ରୀଡ଼ା ଆବଶ୍ୟକ। କିଶୋରନଗର ବ୍ଲକ ବଇଣ୍ଡା ଜନତା ମହାବିଦ୍ୟାଳୟ ପରିସରରେ ନୂଆ ଓଡ଼ିଶା ଯୁବ ଓଡ଼ିଶା ପକ୍ଷରୁ ଗୁରୁବାର ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର ଉଦ୍‌ଘାଟନ ଅବସରରେ ଅତିଥିମାନେ ଏହି ମତପ୍ରକାଶ କରିଛନ୍ତି। ଅଧ୍ୟକ୍ଷ କାଳନ୍ଦୀ ଚନ୍ଦ୍ର ପ୍ରଧାନଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ନୁନୁକାପଶି ସରପଞ୍ଚ ଦୀପ୍ତିମୟୀ ସାହୁ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ଲୁହାମୁଣ୍ଡା ସରପଞ୍ଚ କୁମୁଦ ଚନ୍ଦ୍ର ସାହୁ, ପୂର୍ବତନ ସରପଞ୍ଚ ଜଳଧର ସାହୁ, ବିଜେଡି ନେତା ସନ୍ତୋଷ ପ୍ରଧାନ, ମାନସ ରଞ୍ଜନ ସାହୁ, ଅଧ୍ୟାପକ ଅସିତ ଜେନା, ନିରଞ୍ଜନ ଦାସ, ଚନ୍ଦ୍ରଶେଖର ସିଂ ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ ବିଭିନ୍ନ ପ୍ରତିଯୋଗିତାରେ ଯୁକ୍ତ ୨ ଓ ଯୁକ୍ତ ୩ କଲେଜ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ। ଖେଳ ଶିକ୍ଷକ ବିଜୟ ପ୍ରଧାନ, ପ୍ରଦୀପ ପ୍ରଧାନ, ଅରୁଣ ସାହୁ, ଗୋଲେଖ ବିହାରୀ ସାହୁ ପରିଚାଳନା କରିଥିଲେ। ଅଧ୍ୟାପିକାଅଧ୍ୟାପକ ସହଯୋଗ କରିଥିଲେ।


ନୂଆ ଓଡ଼ିଶା ଯୁବ ଓଡ଼ିଶା ପକ୍ଷରୁ ବିଭିନ୍ନ ପ୍ରତିଯୋଗିତାର ଉଦ୍‌ଘାଟନୀ ମଞ୍ଚରେ ଅତିଥିମାନେ।

# ଜନବସତି ଅଞ୍ଚଳରୁ ମଦଦୋକାନ ଉଚ୍ଛେଦ ଦାବି

## ଜିଲାପାଳଙ୍କ ନିକଟରେ ଅଭିଯୋଗ କଲେ ଗ୍ରାମବାସୀ

**ବଇଣ୍ଡା,୭।୧୨ (ପରିକ୍ଷିତ ସାହୁ)**

ଅନୁଗୋଳ ଜିଲା କିଶୋରନଗର ବ୍ଲକ ନୁନୁକାପଶି ପଞ୍ଚାୟତର ବଇଣ୍ଡା ଠାରେ ଥିବା ବିଦେଶୀ ମଦ ଦୋକାନକୁ ଉଚ୍ଛେଦ କରିବାକୁ ଦୀର୍ଘଦିନ ହେଲା ଗ୍ରାମବାସୀ ଦାବି କରିଆସୁଛନ୍ତି। ଏ ନେଇ ପ୍ରଶାସନ ନିକଟରେ ବାରମ୍ବାର ଅଭିଯୋଗ କରାଯାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉ ନାହିଁ। ଫଳରେ ବଇଣ୍ଡା ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ବୁଧବାର ବୈଷ୍ଣବସାହି ଗ୍ରାମବାସୀ ଅନୁଗୋଳ ଜିଲାପାଳଙ୍କ ଦ୍ୱାରସ୍ଥ ହେବା ସହ ମଦ ଦୋକାନ ଉଚ୍ଛେଦ ପାଇଁ ଦାବି କରିଛନ୍ତି।

ଅଭିଯୋଗରେ ଗ୍ରାମବାସୀ ଉଲ୍ଲେଖ କରିଛନ୍ତି, ବଇଣ୍ଡାର ଜନବସତି ଅଞ୍ଚଳରେ ଏକ ବିଦେଶୀ ମଦ ଦୋକାନ ରହିଛି। ଏଠାରେ ଶତାଧିକ ଘର ସହ ଏକ ବିଦ୍ୟାଳୟ ଥିବା ବେଳେ ଉକ୍ତ ମଦ ଦୋକାନରେ ସକାଳୁ ରାତି ୧୦ଟା ପର୍ଯ୍ୟନ୍ତ ଭିଡ଼ ଲାଗୁଛି। ଅନେକ ସମୟରେ ମଦ୍ୟପମାନଙ୍କ ମଧ୍ୟରେ ଗଣ୍ଡଗୋଳ ହେଉଛି। ଫଳରେ ଏହି ରାସ୍ତା ଦେଇ ଅଞ୍ଚଳବାସୀ ଯାତାୟାତ କରିବାକୁ ସୁରକ୍ଷିତ ମନେ କରୁନାହାନ୍ତି। ବିଦ୍ୟାଳୟକୁ ଆସୁଥିବା ଛାତ୍ରୀଛାତ୍ରମାନେ ଭୟଭୀତ ହେଉଛନ୍ତି। ସନ୍ଧ୍ୟା ହେଲେ ମହିଳାମାନେ ଘରୁ ବାହାରକୁ ବାହାରିପାରୁ ନାହାନ୍ତି। ସପ୍ତାହେ ପୂର୍ବେ ଏହି ବିଦେଶୀ ମଦ ଦୋକାନରେ ଉଚ୍ଚ ଦରରେ ମଦ ବିକ୍ରି କରାଯାଉଥିବା ନେଇ ଗ୍ରାହକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। ଯେଉଁ ଗ୍ରାହକମାନେ ଏହାର ପ୍ରତିବାଦ କଲେ ସେମାନଙ୍କୁ ମିଥ୍ୟା ମାମଲାରେ ଗିରଫ କରିବା ପାଇଁ ବ୍ୟବସାୟୀ ଧମକ ଦେଉଥିବା କେତେଜଣ ଗ୍ରାହକ ନାମ ଗୋପନ ରଖି ଅଭିଯୋଗ କରିଛନ୍ତି। ସେହିପରି କିଛି ଦିନ ତଳେ ଉକ୍ତ ଦୋକାନର କେତେଜଣ କର୍ମଚାରୀ ବାଇକ୍‌ରେ ମଦ ଚାଲାଣ କରୁଥିବା ବେଳେ ବଇଣ୍ଡା ଗ୍ରାମବାସୀଙ୍କ ହାତ ଧରା ପଡିବା ସହ ହଟହଟା ହୋଇଥିଲେ। ଏହାପରେ ଅଞ୍ଚଳବାସୀଙ୍କୁ ସମ୍ପୃକ୍ତ କର୍ମଚାରୀମାନେ ଧମକ ଦେଇଥିବା ଅଭିଯୋଗ ହୋଇଛି। ତୁରନ୍ତ ଉକ୍ତ ଜନବସତି ଅଞ୍ଚଳରୁ ବିଦେଶୀ ମଦ ଦୋକାନକୁ ଅନ୍ୟତ୍ର ସ୍ଥାନାନ୍ତର କରିବା ପାଇଁ ବୈଷ୍ଣବସାହି ଓ ବଇଣ୍ଡା ଗ୍ରାମବାସୀ ଦାବି କରିଛନ୍ତି। ଏ ନେଇ ଆଠମଲ୍ଲିକ ଉପଜିଲାପାଳ ଜିତେନ୍ଦ୍ର କୁମାର ପାତ୍ର କହିଛନ୍ତି, ପ୍ରଶାସନ ପକ୍ଷରୁ ତର୍ଜମା କରାଯାଇ ଆବଶ୍ୟକ ପଦକ୍ଷେପ ନିଆଯିବ।

# କ୍ଷୁଦ୍ର ଚଳଚ୍ଚିତ୍ର ମାଧ୍ୟମରେ କରାଗଲା ସଚେତନ

## ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ଉଦ୍‌ଯାପିତ

**ଅନୁଗୋଳ,୭।୧୨ (ଅମିତ କୁମାର ସାମଲ)**

ଅନୁଗୋଳ ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ପାଳିତ ହୋଇଯାଇଛି। ଏହି ଅବସରରେ ସପ୍ତାହେ ବ୍ୟାପୀ ସଡ଼କ ସୁରକ୍ଷା ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା। ଗୁରୁବାର ଶେଷ ଦିବସରେ କ୍ଷୁଦ୍ର ଚଳଚ୍ଚିତ୍ର ମାଧ୍ୟମରେ ସଚେତନତା ସୃଷ୍ଟି କରାଯାଇଥିଲା। ନାଲ୍‌କୋ ଟ୍ରେନିଂ ସେଣ୍ଟର ଅଡିଟୋରିୟମ ହଲ୍ ଠାରେ ଜାତୀୟ ସଡ଼କ ସୁରକ୍ଷା ସମ୍ପର୍କିତ କ୍ଷୁଦ୍ର ଚଳଚ୍ଚିତ୍ର ଉତ୍ସବ ୨୦୨୩ ଅନୁଷ୍ଠିତ ହୋଇଥିଲା। ପୂର୍ବାହ୍ନ ୧୦ରୁ ଅପରାହ୍ନ ପର୍ଯ୍ୟନ୍ତ ୩ଟି ପର୍ଯ୍ୟାୟରେ ନାଲ୍‌କୋ ଡିପିଏସ ସ୍କୁଲ, ନାଲ୍‌କୋ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଓମ ବିଦ୍ୟା ଭାରତୀ +୨ କଲେଜ ଓ ମହିମା ଜ୍ୟୋତି +୨ ବିଜ୍ଞାନ କଲେଜ ଆଦିର ୨୫୦୦ ଛାତ୍ରୀଛାତ୍ର ଓ ସ୍ଥାନୀୟ ଅଟୋ ମୋବାଇଲ ଡିଲର କର୍ମଚାରୀମାନଙ୍କୁ କ୍ଷୁଦ୍ର ଚଳଚ୍ଚିତ୍ର ମାଧ୍ୟମରେ ସଚେତନ କରାଯାଇଥିଲା। ଏଭଳି ଚଳଚ୍ଚିତ୍ର ମାଧ୍ୟମରେ ଛାତ୍ରୀଛାତ୍ରଙ୍କୁ ସଚେତନ ଓ ଶିକ୍ଷା ଦେବା ଏହାର ମୂଳ ଉଦ୍ଦେଶ୍ୟ ବୋଲି ଅନୁଗୋଳ ଆଞ୍ଚଳିକ ପରିବହନ ଅଧିକାରୀ ନିଖିଲ ରଞ୍ଜନ ପଟ୍ଟନାୟକ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଅଧିକ ଆକର୍ଷଣୀୟ କରିବା ପାଇଁ ସିନେ ତାରକା ସିଦ୍ଧାନ୍ତ ମହାପାତ୍ର ଯୋଗଦେଇ ଛାତ୍ରୀଛାତ୍ରଙ୍କ ସହିତ ଭାବ ବିନିମୟ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଡେପୁଟି କମିଶନର (ସେଣ୍ଟ୍ରାଲ ଜୋନ ଟ୍ରାନ୍ସପୋର୍ଟ) ସମୀର କୁମାର ଦଳେଇ, ଆଡିଶନାଲ କମିଶନର (ସଡ଼କ ସୁରକ୍ଷା) ଲାଲ ମୋହନ ସେଠୀ, ଡିଏସ୍‌ପି (ସଡ଼କ ସୁରକ୍ଷା) ଦେବୀ ପ୍ରସାଦ ପାତ୍ର, ଅତିରିକ୍ତ ଜିଲାପାଳ(ରାଜସ୍ୱ) ଉଦୟ ମହାପାତ୍ର, ଅତିରିକ୍ତ କାର୍ଯ୍ୟ ନିର୍ବାହୀ ଅଧିକାରୀ ପଦ୍ମନାଭ ସାମନ୍ତରାୟ (ଜିଲା ପରିଷଦ ଅନୁଗୋଳ), ବଣଁରପାଳ ତହସିଲଦାର ସଚ୍ଚିଦାନନ୍ଦ ନାୟକ, ତାଳଚେର ଏମଭିଆଇ ପ୍ରିୟବ୍ରତ ମହାନ୍ତି, ଅନୁଗୋଳ ଏମଭିଆଇ ବିଭୁ ରଞ୍ଜନ ନାୟକ ପ୍ରମୁଖଙ୍କ ସମେତ ନାଲକୋ ଇଡି ଅମିୟ କୁମାର ସ୍ୱାଇଁ, ନାଲ୍‌କୋ ଥାନା ଆଇଆଇସି ପ୍ରଦୀପ ମହନ୍ତ ପ୍ରମୁଖ ଯୋଗ ଦେଇଥିଲେ।



